# ଶିକାରୀଙ୍କୁ ଧରିବା ପାଇଁ ବନବିଭାଗ ତତ୍ପର

ନୀଳଗିରି (ଅମୃତ ମିଡିଆ) : କୁଲଡ଼ିହା ଅଭୟାରଣ୍ୟରେ ଅବାଧ ପଶୁ ଶିକାରକୁ ରୋକିବାପାଇଁ ବନବିଭାଗ ତତ୍ପର ଥିବାବେଳେ ସୋମବାର କିଛି ଶିକାରୀ ସନ୍ତରାଗଡିଆ ବିଟ ଅଧୀନ ଗୁଡ଼ିଖାଣିଆ ଅଞ୍ଚଳରେ କୁଲଡ଼ିହା ଅଭୟାରଣ୍ୟ ଭିତରକୁ ପଶିଥିବାର ଖବରପାଇ ବନବିଭାଗ ଚଢ଼ାଉ କରୁଥିବା ବେଳେ ଶିକାରୀ ଓ ବନବିଭାଗ ମୁହାଁମୁହିଁ ହୋଇ ଶିକାରୀ ମାଡ଼ରେ ସବୁଜବାହିନୀ ଆହତହେବା ଘଟଣା ବନବିଭାଗ କହୁଥିବା ବେଳେ ତାହା କେତେ ସତ ! ନା ବନବିଭାଗ କାହାଣୀ ତିଆରି କରିଛି ତାହାକୁ ନେଇ ବିରାଟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଶିକାରୀଙ୍କୁ ଧରିବାପାଇଁ ବନ ବିଭାଗ ଶିକାରୀ ମାନଙ୍କୁ ଗୋଡାଉଥିବା ବେଳେ କିଛି ବନକର୍ମଚାରୀ ତଳେ ପଡ଼ି ଲହୁଲୁହାଣ ହୋଇଥିଲେ । କିଛି ସମୟ ଛକାପଞ୍ଝା ଭିତରେ ବନକର୍ମଚାରୀ ମାନେ ଶିକାରୀମାନଙ୍କୁ ଧରିଥିବା ବେଳେ ପରବର୍ତ୍ତୀ ସମୟରେ ଶିକାରୀମାନେ ବନକର୍ମଚାରୀଙ୍କୁ ମାଡ ମାରିଥିବାର ଅଭିଯୋଗ ଉଠିଥିଲା । କିନ୍ତୁ ପ୍ରକୃତ ପକ୍ଷେ ବନକର୍ମଚାରୀ ମାନେ ଶିକାରୀ ମାନଙ୍କୁ ଧରି ପ୍ରବଳ ମାଡ଼ମାରି ଲହୁଲୁହାଣ କରିଦେଇଥିବାର ଅଭିଯୋଗ ହେଉଛି । ସେମାନେ ପ୍ରକୃତ ପକ୍ଷେ ଜଙ୍ଗଲକୁ ଜାଳେଣି କାଠ ସଂଗ୍ରହ କରିବାକୁ ଯାଇଥିଲେ ନା ଜନ୍ତୁ ଶିକାର କରିବାପାଇଁ ଯାଇଥିଲେ ନା ବନବିଭାଗ ରାଗରଖି ଏମାନଙ୍କୁ ଶିକାରୀ ଆଖ୍ୟା ଦେଇ ନିରୀହ ଆଦିବାସୀ ମାନଙ୍କୁ ଫସାଉଛି ତାହା ଏବେ ତଦନ୍ତ ସାପେକ୍ଷ । ଜନ୍ତୁ ଶିକାର ଓ ମାଡ଼ମରା ଅଭିଯୋଗ ଆଣି ବନବିଭାଗ ମାଧ ସିଂଙ୍କୁ ଗିରଫ କରି ଜେଲ ହାଜତକୁ ପଠାଇ ଥିବାରୁ ଏଅଞ୍ଚଳରେ ଉତ୍ତେଜନା ଦେଖାଯାଇଛି । ବନବିଭାଗ ଯେଉଁସବୁ ଅଭିଯୋଗ ଆଣି ନିରୀହ ଆଦିବାସୀ ମାନଙ୍କୁ ଶିକାରୀର ଆଖ୍ୟାଦେଇ ଜେଲ ହାଜତକୁ ପଠାଉଛି ଏହାଫଳରେ ଆଦିବାସୀ ମାନେ ଉଗ୍ର ହେଉଥିବାର କୁହାଯାଉଛି । କୁଲଡ଼ିହା ଅଭୟାରଣ୍ୟ ଭିତରେ ଯେଉଁ ଶିକାରୀଙ୍କୁ ଧରିଲା ଏବଂ ତାଙ୍କ ଠାରୁ ବନ୍ଧୁକ ଓ ଗୋଳାବାରୁଦ ଜବତ କଲା ତାହା ଠିକ୍ ନା ଏହା ବନବିଭାଗର ସୁକଳ୍ପିତ ଯୋଜନା ତାହାକୁ ନେଇ ଉଠିଛି ପ୍ରଶ୍ନ ? ଶିକାରୀ ମାଧ ସିଂ ହାତରେ କୌଣସି ବନ୍ଧୁକ ଜବତ ହୋଇନଥିବାର କଥା ସ୍ଥାନୀୟ ଲୋକେ କହୁଥିବା ବେଳେ ବନବିଭାଗ ବନ୍ଧୁକ ଓ ଗୋଳାବାରୁଦ କେଉଁଠି ଆଣିଲା ତାହାକୁ ନେଇ ଉଠିଛି ପ୍ରଶ୍ନ । ଅପରପକ୍ଷରେ କୁଲଡ଼ିହା ଅଭୟାରଣ୍ୟରେ ବହୁ ଦନ୍ତାହାତୀଙ୍କ ମୃତ୍ୟୁ ଘଟିବା ଓ ଦାନ୍ତ ଗାଏବ ହେବା ଘଟଣା ଘଟିଚାଲିଥିଲେ ହେଁ ତାର ତଦନ୍ତ ପ୍ରକ୍ରିୟା ସଠିକ୍ ଭାବେ ହୋଇନପାରିବା କ୍ଷୋଭ ଓ ପରିତାପର ବିଷୟ । ପୁଣି ଜଙ୍ଗଲରୁ ବାରମ୍ବାର ଜନ୍ତୁଶିକାର ହେଉଥିବା ବେଳେ କେତେକ କ୍ଷେତ୍ରରେ ମାଂସ ଜବତ ହେଉଥିଲେ ମଧ୍ୟ ତାହା କୁଆଡେ ଯାଉଛି ତାର ଉତ୍ତର ଜଙ୍ଗଲ ବିଭାଗ ଆଜି ପର୍ଯ୍ୟନ୍ତ ଦେଇପାରୁନଥିବା ଅଭିଯୋଗ ଉଠିଛି । ପ୍ରକାଶ ଥାଉକି ପୂର୍ବରୁ ରେଞ୍ଜ ଅଧିକାରୀ ଥିବା ବିଜୟ ମହାପାତ୍ର ଶିକାରୀଙ୍କ ହାତରେ ବନ୍ଧୁକ ଧରାଇ ଗଣମାଧ୍ୟମକୁ ଖବର ଦେଇଥିବା ବେଳେ ତାହା ସେତେବେଳେ ଗଣମାଧ୍ୟମରେ ଶିରୋନାମ ପାଲଟିଥିଲା । ଏନେଇ ରେଞ୍ଜରଙ୍କ ନାମରେ ମଧ୍ୟ ଶିକାରୀ ମାନେ ମୋକଦ୍ଦମା ରୁଜୁ କରିଥିଲେ । ଅଧିକାଂଶ ସମୟରେ କୁଲଡ଼ିହା ଅଭୟରଣ୍ୟକୁ ଡିଏଫ୍ଓ ପରିଦର୍ଶନରେ ଆସୁଥିବା ବେଳେ ସ୍ଥାନୀୟ ରେଞ୍ଜର ଡିଏଫ୍ଓଙ୍କୁ ଖୁସି କରିବାପାଇଁ ଜଙ୍ଗଲି ମାଂସ ଦେଇ ଆପ୍ୟାୟିତ କରୁଥିବାର ନାମ ଗୋପନ ରଖି ବନକର୍ମଚାରୀ ମାନେ କହିଛନ୍ତି । ଯଦି ଏକଥା ସତ ହୋଇଥାଏ ତେବେ ସାଙ୍ଘାତିକ । ଯାହା ଜଣାପଡୁଛି ଏଠି ରକ୍ଷକ ସାଜିଛି ଭକ୍ଷକ ।

# ସଦର ବିଧାୟକଙ୍କ ସମୀକ୍ଷା ବୈଠକରେ ବିଦ୍ୟୁତ୍ କଟିବାକୁ ନେଇ ଅସନ୍ତୋଷ

**ନିଷ୍କିନ୍ତକୋଇଲି (ଅମୃତ ମିଡିଆ) :** କଟକ ସଦର ବିଧାୟକଙ୍କ ଇଂ.ପ୍ରକାଶ ଚନ୍ଦ୍ର ସେଠୀଙ୍କ ଦ୍ୱାରା ନିଷ୍କିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ବିଭିନ୍ନ ପଞ୍ଚାୟତର ଉନ୍ନୟନ ମୂଳକ କାର୍ଯ୍ୟକ୍ରମର ଅଗ୍ରଗତି ପାଇଁ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି । ସୋମବାର ଅପରାହ୍ନରେ ଅନୁଷ୍ଠିତ ଏହି ବୈଠକରେ ବିଡ଼ିଓ ଦ୍ୱିବ୍ୟେନ୍ଦୁ ଦାସଙ୍କ ପୌରହିତ୍ୟରେ ଏଥିରେ ସଦର ନିର୍ବାଚନ ମଣ୍ଡଳୀ ଅଂଶରେ ଥିବା ୧୪ଗୋଟି ପଞ୍ଚାୟତର ବହୁ ସରପଞ୍ଚ , ସମିତିସଭ୍ୟ ସଭ୍ୟାମାନେ ଯୋଗ ଦେଇଥିଲେ । ବୈଠକ ଅଧାରୁ ହଠାତ୍ ବିଦ୍ୟୁତ୍ କଟିଯିବାରୁ ଅସହ୍ୟ ଗୁଳୁଗୁଳି ଗରମରେ ସମ୍ମିଳନୀ କକ୍ଷରେ ଥିବା ଜନପ୍ରତିନିଧି ମାନେ ଆଉଟୁପାଉଟୁ ହୋଇ ଯାଇଥିଲେ । ବିଦ୍ୟୁତ୍ କଟିଲାବେଳେ ବ୍ଲକ କାର୍ଯ୍ୟାଳୟରେ ଥିବା ଡ଼ିଜି ଜେନେଟର ଲଗାଯିବାର ବ୍ୟବସ୍ଥା ଥିଲା ବେଳେ ଡ଼ିଜି ଲଗାନଯିବାରୁ ଜନପ୍ରତିନିଧି ମାନେ ହୋହାଲ୍ଲା କରି ବିଡ଼ିଓ ସମେତ ଅନ୍ୟାନ୍ୟ କର୍ମଚାରୀ ମାନଙ୍କୁ ଗାଳିଗୁଳଜ କରିଥିଲେ ମଧ୍ୟ ଏଥିରେ ବିଧାୟକ ଚୁପ୍ ରହିଥିଲେ । ଏଭଳି ସ୍ଥିତିରେ ଉପସ୍ଥିତ ଜନପ୍ରତିନିଧି ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା । ଏହି ବୈଠକରେ କାର୍ଯ୍ୟାଳୟର ବିଭିନ୍ନ ବିଭାଗର ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ହୋଇ ୧୪ଗୋଟି ପଞ୍ଚାୟତରେ ଚାଲିଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ବିଧାୟକଙ୍କୁ ଅବଗତ କରାଇଥିଲେ । ବିଶେଷ କରି ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିନ୍ତ କର୍ମନିଯୁକ୍ତି ଯୋଜନା ରେ କିପରି ଅଧିକ କାର୍ଯ୍ୟ ହୋଇପାରିବ ସେଥିପ୍ରତି ବିଧାୟକ ଗୁରୁତ୍ୱ ଦେଇ ଏଥିରେ ସମସ୍ତେ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ । ଏହାଛଡ଼ା ବିଭିନ୍ନ ପ୍ରକଳ୍ପ କାର୍ଯ୍ୟରେ ଜମିଜମା ସଂକ୍ରାନ୍ତୀୟ ରହିଥିବା ବିବାଦକୁ ସମାଧାନ କରିବା ପାଇଁ ବିଧାୟକ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏହାଛଡ଼ା ବିଭିନ୍ନ ପଞ୍ଚାୟତରେ ଅଧାପନ୍ତରିଆ ଭାବେ ପଡ଼ିଥିବା ଉନ୍ନୟନ ମୂଳକ ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ଶେଷ କରିବା, ଯେଉଁ ପଞ୍ଚାୟତରେ ବିଧାୟକ ହାତପାଣ୍ଠିରୁ ଅନୁଦାନର ଆବଶ୍ୟକ ତାହା ଜଣାଇବା ପାଇଁ ସରପଞ୍ଚ ମାନଙ୍କୁ ପରାମର୍ଶ ଦେଇଥିଲେ । ଏହି ବୈଠକରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ମହାମାପତ୍ର, ଅତିରକ୍ତ ବିଡ଼ିଓ ଅଶୋକ ମହାନ୍ତି ଙ୍କ ସମେତ ଯନ୍ତ୍ରୀ ଓ କର୍ମଚାରୀମାନେ ଉପସ୍ଥିତ ହୋଇଥିଲେ ।

# ପଞ୍ଚାୟତରାଜ ମନ୍ତ୍ରୀଙ୍କୁ ମାହାଙ୍ଗାର ସମସ୍ୟା ସଂକ୍ରାନ୍ତରେ ଅବଗତ କଲେ ବିଜେପି ନେତା

**ନିଷ୍କିନ୍ତକୋଇଲି (ଅମୃତ ମିଡିଆ) :** ମାହାଙ୍ଗା ବିଧାନସଭା କ୍ଷେତ୍ରର ବିଜେପି ନେତା ସୁମନ୍ତ ଘଡ଼େଇ ରାଜ୍ୟ ସରକାରଙ୍କର ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗର ମନ୍ତ୍ରୀ ରବିନାରାୟଣ ନାୟକଙ୍କୁ ସାକ୍ଷାତ କରିଛନ୍ତି । ମାହାଙ୍ଗା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ନିଷ୍କିନ୍ତକୋଇଲି ଓ ମାହାଙ୍ଗା ବ୍ଲକରେ ବିଭିନ୍ନ କାର୍ଯ୍ୟକ୍ରମରେ ଦେଖାଯାଉଥିବା ସମସ୍ୟା, ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ କାର୍ଯ୍ୟକ୍ରମରେ ଉପୁଜିଥିବା ଅସୁବିଧା , ସରକାରଙ୍କର ଜନହିତକର ବିଭିନ୍ନ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କର ସାମିଲ ହେବା ସମସ୍ୟା ସଂକ୍ରାନ୍ତରେ ବିଷଦ ଭାବେ ମନ୍ତ୍ରୀଙ୍କ ସହିତ ଆଲୋଚନା କରିଥିଲେ । ନିର୍ବାଚନ ମଣ୍ଡଳୀ ସ୍ତରୀୟ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଶ୍ରୀ ଘଡ଼େଇ ପଞ୍ଚାୟତରାଜ ମନ୍ତ୍ରୀଙ୍କୁ ଦୃଷ୍ଟି ଦେବା ପାଇଁ ଅନୁରୋଧ କରିଥିଲେ । ଉକ୍ତ ସମସ୍ୟାର ସମାଧାନ ନିମନ୍ତେ ବିଭାଗ ପକ୍ଷରୁ ତ୍ୱରିତ ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶ୍ରୀ ଘଡ଼େଇ ପ୍ରକାଶ କରିଛନ୍ତି ।

# ସନ୍ଦେହ ମନୁଷ୍ୟର ବଡ ଅଜ୍ଞାନତା: ପଣ୍ଡିତ ଶ୍ୟାମସୁନ୍ଦର ଦାଶ

**ନୀଳଗିରି (ଅମୃତ ମିଡିଆ) :** ଆହାର, ନିଦ୍ରା, ଭୟ ଓ ମଇଥୁନ ଭୌତିକ ଜଗତର ଚାରୋଟି ମୁଖ୍ୟକର୍ମ ଅଟେ । ପ୍ରତି ଲୋକରେ ଚାରୋଟି ଲକ୍ଷଣ ବିଦ୍ୟମାନ । ଭୌତିକ ଅବସ୍ଥାରୁ ଦୂରେଇଗଲେ ବ୍ୟକ୍ତି ଉଦବିଗ୍ନମନା ହୁଏ ନାହିଁ । ଅସୁର ଜନ୍ମହେଲା ବେଳେ କିଛି ଉତ୍ପାତ ଓ ଉପଦ୍ରବ ଦେଖାଯାଏ । ସମଗ୍ର ବ୍ରହ୍ମାଣ୍ଡ ଭୂତ ପ୍ରକୃତିର ତ୍ରିଗୁଣର ନିୟନ୍ତ୍ରଣରେ ଗତି କରୁଛି । ପୃଥିବୀରେ ଆସୁରିକ ପ୍ରବୃତ୍ତିର ବ୍ୟକ୍ତି ଜନ୍ମହେଲେ ପୃଥିବୀରେ ବିପ୍ରାତ ଦେଖାଯାଏ । ଗର୍ଭାଧାନ ସଂସ୍କାର ସୁସନ୍ତାନ ଉତ୍ପତ୍ତିର ମୂଳ ଉତ୍ସ । ସଂଜମ ବିଧି ଓ ବେଦବିଧି ପାଳନ ନହେଲେ ଶାନ୍ତି ବଦଳରେ ଅଶାନ୍ତି ଆସେ । ଦ୍ୱେଗଣ ମନୁଷ୍ୟ ମାନବ ସମାଜର ଆଧ୍ୟାତ୍ମିକ ଉନ୍ନତି ପାଇଁ କାର୍ଯ୍ୟ କରନ୍ତି । ଆସୁରୀ ସଭ୍ୟତା ଶରୀର ଗଠନ ପାଇଁ ଆଗ୍ରହୀ ହୁଏ । ଦେବ ଭାବାପନ୍ନ ବ୍ୟକ୍ତିଙ୍କର ମନୋବୃତ୍ତି ହେଉଛି ଜଗତର ସବୁ ବସ୍ତୁକୁ ନିଜର ଇନ୍ଦ୍ରିୟ ପ୍ରୀତିରେ ବ୍ୟବହାର କରିବାକୁ ଚାହେଁ । ସର୍ବୋପରି ଯୁଦ୍ଧ ମନୋବୃତ୍ତି ବ୍ୟକ୍ତି ବିନା କାରଣରେ ସର୍ବଦା ଯୁଦ୍ଧ ଓ ଦ୍ୱନ୍ଦ୍ୱ ସୃଷ୍ଟି କରନ୍ତି ବୋଲି ସ୍ୱର୍ଣ୍ଣଚୂଡ ସାହିତ୍ୟ ପରିବାର ଦ୍ୱାରା ଆୟୋଜିତ ୪୭ତମ ସାପ୍ତାହିକ ଭାଗବତ ସନ୍ଧ୍ୟାରେ କଥାବାଚକ ଓଡିଶାର ଯଶସ୍ୱୀ ପ୍ରବାଚକ ବଲାଙ୍ଗୀରର ପଣ୍ଡିତ ଶ୍ୟାମସୁନ୍ଦର ଦାଶ ଭାଗବତର ତୃତୀୟ ସ୍କନ୍ଧର ସପ୍ତଦଶ ଅଧ୍ୟାୟରେ ବର୍ଣ୍ଣିତ ହିରନ୍ୟାକ୍ଷ ଜନ୍ମ ବୃତ୍ତାନ୍ତ ପ୍ରକାଶ ଅବସରରେ ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ପରିବାରର ବରିଷ୍ଠ ସଦସ୍ୟ ଶ୍ରୀଯୁକ୍ତ ବିପିନ ବିହାରୀ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଆସରରେ ସୁଶ୍ରୀ ମାମାଲି ସାହୁ ଓଁ କାର ଧ୍ୱନି ଓ ସ୍ୱାଗତ ସଙ୍ଗୀତ ଗାନ କରିଥିବାବେଳେ ପରିବାରର ସମ୍ପାଦକ ଡ. ପ୍ରଦୀପ୍ତ କୁମାର ମିଶ୍ର ପଣ୍ଡିତଙ୍କୁ ଶୁଭେଚ୍ଛା ବାର୍ତ୍ତା ପ୍ରଦାନ କରିଥିଲେ । ଶେଷରେ ସୁଶ୍ରୀ ସ୍ମିତିପ୍ରଜ୍ଞା ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିବାବେଳେ ସୁଶ୍ରୀ ମାମାଲି ସାହୁ ଶାନ୍ତି ପାଠ କରିଥିଲେ ।

# ଅଷ୍ଟମ ବାଳକାଟୀ ପ୍ରିମିୟର ଲିଗ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

## ବିଶୁନିଆପଡା ଓ ସିଆରଏନ ଏକାଦଶ ଚାମ୍ପିଅନ

**ବାଲିଅନ୍ତା (ଅମୃତ ମିଡିଆ) :** ବାଳକାଟି କଲେଜ ପଡିଆରେ ପ୍ରତାପଶାସନ ଗ୍ରାମ ପଞ୍ଚାୟତ ଏବଂ ଜାଗେଶ୍ୱରୀ କ୍ରିକେଟ କ୍ଲବ ମିଳିତ ଆନୁକୂଲ୍ୟରେ ୩ ଦିନ ଧରି ଚାଲିଥିବା ବାଳକାଟି ପ୍ରେମିୟର ଲିଗ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ସଂସ୍କରଣ ଗତକାଲି ରାତିରେ ଉଦଯାପିତ ହୋଇଯାଇଛି । ଏଥିରେ ପଞ୍ଚାୟତ ଓ ରାଜ୍ୟସ୍ତରୀୟ ୨ ଟି ଟୁର୍ଣ୍ଣାମେଣ୍ଟ ହୋଇଥିଲା । ପଞ୍ଚାୟତସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ବିଶୁନିଆପଡା ଓ ଯଶୁଆପୁର ଦଳ ଫାଇନାଲରେ ପ୍ରବେଶ କରିଥିଲା । ଏଥିରେ ବିଶୁନିଆପଡା ଦଳ ଯଶୁଆପୁର ଦଳକୁ ହରାଇ ଚମ୍ପିୟାନ ହୋଇଥିବା ବେଳେ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ଫାଇନାଲରେ ତାଳଚେର ସିଆରଏନ -ଏକାଦଶ ଏବଂ ଭୁବନେଶ୍ୱର ଜେଜେଓ୍ୱାଇସିଏସଏସ ସାନ ଭୁବନେଶ୍ୱର ପ୍ରବେଶ କରିଥିଲା । ଏଥିରେ ସିଆରଏନ ଏକାଦଶ, ତାଳଚେର ଚମ୍ପିୟାନ ହୋଇଥିଲା । ପଞ୍ଚାୟତସ୍ତରୀୟ ମ୍ୟାଚରେ ପ୍ରଥମେ ବ୍ୟାଟିଂ କରି ଲୁଲୁ ସ୍ୱାଇଁଙ୍କ ଧୂଆଁଧାର ବ୍ୟାଟିଂ ବଳରେ ବିଶୁନିଆପଡା ଦଳ ନିର୍ଦ୍ଧାରିତ ୬ ଓଭରରେ ୮୧ ରନ କରିଥିଲା । ମାତ୍ର ଯଶୁଆପୁର ଦଳ ନିର୍ଦ୍ଧାରିତ ଓଭରରେ ସମସ୍ତ୍ରିକେଟ ହରାଇ ମାତ୍ର ୪୫ ରନ କରି ପରାଜୟ ବରଣ କରିଥିଲା । ସେହିପରି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଅନୁଷ୍ଠିତ ହୋଇଥିବା ୩ଟି ସିରିଜ ମ୍ୟାଚରେ ତାଳଚେରର ସିଆରଏନ ଏକାଦଶ ଭୁବନେଶ୍ୱର ଏସ ଏସ ସାନ, ଭୁବନେଶ୍ୱର ବିପକ୍ଷରେ ଲଗାତାର ୨ଟି ମ୍ୟାଚ ଜିତି ଚମ୍ପିୟାନ ହୋଇଥିଲା । ଉଦଯାପନୀ ସନ୍ଧ୍ୟାରେ ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ସ୍ଥାନୀୟ ସରପଞ୍ଚ ରୀନା ବେହେରା, ହାଇଟେକ ଗ୍ରୁପ ମୁଖ୍ୟ ତିରୁପତି ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ଭାଗ୍ୟଧର ନନ୍ଦୀ, ସୁବ୍ରତ କୁମାର ମହାନ୍ତି, ବିଜୟ ନାୟକ, ଅମରେନ୍ଦୁ ପ୍ରସାଦ ପଟ୍ଟନାୟକ, ସମିତିସଭ୍ୟ ଗଙ୍ଗାଧର ମାହାରୀ, ନାଏବ ସରପଞ୍ଚ ଅରୁଣ କୁମାର ସାହୁ, ଯୁବ ସମାଜସେବୀ ସଂସଦ କୁମାର ନାୟକ, ଯୁବ ସାମ୍ବାଦିକ ଅନୁପ ଶୁଭଙ୍କର, ସାମ୍ବାଦିକ ସୂର୍ଯ୍ୟକାନ୍ତ ଭୋଳ, ବିଜୟ କୁମାର ମୁଦୁଲୀ, ଆଇନୀଜୀବୀ ତପନ ବାହୁବଳେନ୍ଦ୍ର ପ୍ରମୁଖ ଯୋଗଦେଇ ଚମ୍ପିୟାନ ଓ ରନର୍ସଅପ ଦଳକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥିଲେ । ୩ ଦିନ ଧରି ଚାଲିଥିବା ଏହି ଟୁର୍ଣ୍ଣାମେଣ୍ଟକୁ ଜାଗେଶ୍ୱରୀ କ୍ରିକେଟ କ୍ଲବର ମୁଖ୍ୟ ଇଁ, ରୁଦ୍ରପ୍ରସାଦ ଭଞ୍ଜ, ଭରତ ସେଠି, ସୌମ୍ୟ ରଞ୍ଜନ ମହାନ୍ତି, ଦିବ୍ୟସିଂହ ବେହେରା, ଆର୍ଯ୍ୟପ୍ରକାଶ ଭୋଳ, ମଣ୍ଟୁ ସାହୁ, ହୃଷିକେଶ ସ୍ୱାଇଁ ପ୍ରମୁଖ ପରିଚାଳନା କରିଥିଲେ ।

# ଓଡିଶା କୃଷକ ବିକାଶ ମଞ୍ଚର ବୈଠକ ଅନୁଷ୍ଠିତ

**ବିଂଝାରପୁର (ଅମୃତ ମିଡିଆ) :** ବିଂଝାରପୁର ବ୍ଲକର ପବିତ୍ର ବାବା ବରୁଣେଶ୍ୱର ପୀଠ ଠାରେ ଓଡିଶା କୃଷକ ବିକାଶ ମଞ୍ଚ ପକ୍ଷରୁ ଏକ ବୈଠକ ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଆୟୋଜିତ ସଭା ପ୍ରାରମ୍ଭରେ କାଶ୍ମୀରର ପହେଲଗାମ ରେ ଆତଙ୍କବାଦୀଙ୍କ ନର ସଂହାରରେ ମୃତ୍ୟୁ ବରଣ କରିଥିବା ୨୬ ଜଣ ଭାରତୀୟ ପର୍ଯ୍ୟଟକଙ୍କ ଅମର ଆତ୍ମାର ସଦ୍ଗତି ପାଇଁ ଦୁଇ ମିନିଟ ନିରବ ପାର୍ଥନା କରାଯିବା ସହିତ ଘଟଣାର ତୀବ୍ର ନିନ୍ଦା କରାଯାଇଥିଲା । ଏଥି ସହିତ ମଧୁବାବୁଙ୍କ ଜୟନ୍ତୀ ଅବସରରେ ତାଙ୍କର ଅମ୍ଳାନ ସ୍ମୃତି ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପାନ କରାଯାଇଥିଲା । ଏହି ଅବସରରେ ଛଅ ଜଣ ଅଗ୍ରଣୀ କୃଷକଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବରୁଣେଶ୍ୱର ମନ୍ଦିର ସମ୍ମୁଖରେ ଭିକ୍ଷା ବୃତ୍ତି କରି ଜୀବନ ନିର୍ବାହ କରିଥିବା କେତେକ ଅସହାୟ ପରିବାରଙ୍କୁ ଅଙ୍ଗ ବସ୍ତ୍ର ଓ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ସଭାରେ ଅଗ୍ରଣୀ ଚାଷୀ ରବୀନ୍ଦ୍ର କୁମାର ଧଳ, ସୂର୍ଯ୍ୟନାରାୟଣ ଦାଶ, ଧନେଶ୍ୱର ସାମଲ, ସୁକାନ୍ତ ମହାଳିକ, ସନ୍ତୋଷ ଧଳ ଓ ସୌଭାଗ୍ୟ ପାତ୍ରଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଏହି କାର୍ଯ୍ୟକ୍ରମରେ ଓଡିଶା କୃଷକ ବିକାଶ ମଞ୍ଚ, ଯାଜପୁରର ସାଧାରଣ ସମ୍ପାଦକ ଶ୍ରୀ ରବୀନ୍ଦ୍ର ଜେନା, କୃଷକ ନେତା ଶେଖ କମିରୁଦ୍ଦିନ, ଗୋବିନ୍ଦ ପତି, ଭୁବନାନନ୍ଦ ସାମଲ, ଏସ କେ, ମନିରୁଦ୍ଦିନ,ମନୋଜ କୁମାର ଦାଶ, ଜୈବ ସାର ବିଶେଷଜ୍ଞ ବିଜୟ ବିଶ୍ୱାଳ, ସନାତନ ସାହୁ, ପର୍ଶୁରାମ ଦାଶ, ବଳରାମ ବଳ, ପ୍ରଫୁଲ୍ଲ ରାଉତ, ଅମୁଲ୍ୟ ଦେବତା, ସୋମନାଥ ରଣା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣବିକ୍ଷୋଭ

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ

**ଛତ୍ରପୁର (ଅମୃତ ମିଡିଆ) :** ରାଜ୍ୟରେ ବହୁ ପ୍ରଚାରିତ ଡବଲ ଇଞ୍ଜିନ୍ ସରକାର ଆସିଲା ପରେ ଲୋକଙ୍କ ମନରେ ଯେଉଁ ସବୁ ଆଶା ଥିଲା, ନିରାଶାରେ ପରିଣତ ହେଲା। ଦରଦାମ ଠାରୁ ଆରମ୍ଭ କରି ଯୁବକ / ଯୁବତୀଙ୍କ କର୍ମ ସଂସ୍ଥାନରେ କୌଣସି ପରିବର୍ତ୍ତନ ଦେଖାଗଲାନାହିଁ। ଡବଲ ଇଞ୍ଜିନ ସରକାର ବିକାଶ ନାମରେ ଲୋକଙ୍କ ବିନାଶ କରିବାରେ ଲାଗିଛି । ଲୋକଙ୍କୁ ଧୋକା ଦେବା ସହ ଆଇନ ଶୃଙ୍ଖଳାରେ ବିଫଳତା ହୋଇଛି ମୋହନ ସରକାର । ଜନ ସମସ୍ୟାର ସମାଧାନ ନେଇ ଆଜି ଆନ୍ଦୋଳନ କୁ ଓହ୍ଲାଇଛି ଭାରତୀୟ କମ୍ୟୁନିଷ୍ଟ ପାର୍ଟି । ଚାଷୀ, କ୍ଷେତମଜଦୂର, ଶ୍ରମିକ ଏବଂ ଗରୀବ ଜନସାଧାରଣଙ୍କ ହକ୍ ନିମନ୍ତେ ସ୍ୱର ଉତ୍ତୋଳନ କରିଛି ଭାରତୀୟ କମ୍ୟୁନିଷ୍ଟ ପାର୍ଟି । ଏନେଇ ସ୍ଥାନୀୟ ଲକ୍ଷ୍ମଣ ଭବନ ଠାରୁ ଶତାଧୀକ ମହିଳା ପୁରୁଷ ମାନେ ହାତରେ ଦଳିୟ ପତାକ ଧରି ବିଶାଳ ଶୋଭାଯାତ୍ରାରେ ସହର ପରିକ୍ରମା କରି ଛତ୍ରପୁର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣ ବିକ୍ଷୋଭ ପ୍ରଦର୍ଶ